

# ଥରଟିଏ ଖାଲି...

-ନୀଳାମ୍ବର ରଥ

ଥରଟିଏ ଖାଲି କୁହ ମୁହଁ ଖୋଲି
ତମେ ମତେ ଭଲପାଅ
ଦେଖିବ କେମିତି ମୋ ଛାତିରେ ନିତି
ବହିବ ପ୍ରେମର ସୁଅ ।

ସେ' ସୁଅରେ ତମେ ଭାସି ଭାସି ଆସି
ଲାଗିବ ସହରେ ମୋର
କେତେ ଭାବନାର ଅନିଶ୍ଚିତ ରୂପ
ମୋ' ମନରୁ କରି ଦୂର ।



ତମ ଲାଗି ମୁଁଯେ ସଜାଡ଼ି ରଖିଛି

ପ୍ରୀତିର ଫୁଲତୋଡ଼ା

ଯେ'ବେଳେ ଏକାକୀ, ତମେ ଆସି ସଖୀ

ମୋ ଦୁଆରେ ହେବ ଛିଡ଼ା;

ମୋ' ଆଖିରୁ ଯେବେ ଝରି ପଡୁଥିବ

ଆନଂଦର ଲୁହଧାର

ସତ କୁହ ମିତ, ତମେ ଆସିବ ତ

ମୋ ଆଶଂକା କରି ଦୂର?

ଭଲପାଇବାର ମାନେ ମୁଁ ଜାଣେନା

ଜାଣେ ଖାଲି ଆମ ପରି

ଅନେକ, ମନର ସାଗର ବୁକୁରେ

ଅଶାନ୍ତ ଲହରି;

କେତେବେଳେ ଯାଏ ପଛେଇ ପଛେଇ

କେତେବେଳେ କୂଳ ଛୁଏଁ

ମନର ଗୋପନ ସହରେ ନିଇତି

ଅଣଚାଶ ବହୁଥାଏ ।



ଆସ କି ନଆସ, ତମ ସହରରେ

ଦୁଃଖେ ସୁଖେ ରହିଥାଅ

ହେଲେ, ଥରଟିଏ ଖାଲି କୁହ ମୁହଁ ଖୋଲି

ତମେ ମତେ ଭଲପାଅ ।

(ଦୈନିକ 'ସମ୍ବାଦ'ର ସାପ୍ତାହିକ ସାହିତ୍ୟ ପୃଷ୍ଠାରେ ପ୍ରକାଶିତ, ୨୦୦୯)

Feedback: rath.nilambar@gmail.com